## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ଖଣ୍ଡପଡ଼ା,(ସ୍ୱ.ପ୍ର.):** ଖଣ୍ଡପଡା ସେସୁ କାର୍ଯ୍ୟାଳୟର କର୍ମଚାରୀ ଚିତ୍ତରଞ୍ଜନ ଶତପଥୀ(୩୬) ଦୁର୍ଘଟଣାରେ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଗତ ୧ ବର୍ଷ ହେବ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଭୋର ସମୟରେ ତାଙ୍କର ମୃତ୍ୟୁ ଘଟିଛି। ୨୦୨୦ ଫେବୃୟାରୀ ୨୫ରେ ଚିତ୍ତରଞ୍ଜନ ବାଇକରେ ଭାପୁର ଯାଉଥିବା ବେଳେ ବାହାଡ ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେଦିନଠାରୁ ସେ ଚିକିତ୍ସାଧୀନ ଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

ବାଲିକୁଦା,୨।୨(ସ୍ୱ.ପ୍ର.): ବାଲିକୁଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ମଙ୍ଗଳବାର ବଳାତ୍କାର ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖି ପଚରାଉଚୁରା କରିବା ପରେ ଛାଡ଼ି ଦେଇଛି। ବରକୋଳି ଦେବା ନାଁରେ ଅଭିଯୁକ୍ତ ସମ୍ପୃକ୍ତ ନାବାଳିକାଙ୍କୁ ଘରୁ ଡାକି ନେଇ କିଛି ଦୂରରେ ବଳାତ୍କାର ଉଦ୍ୟମ କରିଥିଲେ। କୌଣସିମତେ ପୀଡ଼ିତା ସେଠାରୁ ଖସିଆସି ପରିବାର ଲୋକଙ୍କୁ ଜଣାଇଥିଲେ। ଥାନାରେ ଅଭିଯୋଗ ପରେ ମାମଲା (ନଂ.୧୫/୨୧)ରୁଜୁ ହୋଇଛି। ଆଇଆଇସି ସର୍ବେଶ୍ୱର ବେହେରା କହିଛନ୍ତି, ଅଭିଯୋଗର ତଦନ୍ତ ଚାଲିଛି। ଅଭିଯୁକ୍ତ ନାବାଳକ ହୋଇଥିବାରୁ ଥାନାକୁ ଆଣି ପଚରାଉଚୁରା କରାଯିବା ପରେ ଛାଡି ଦିଆଯାଇଛି।

### ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର, ଦୁଇଭାଇ ଗିରଫ

ମହାକାଳପଡ଼ା, ୨।୨(ଡି.ଏନ.ଏ.): ମହାକାଳପଡ଼ା ଥାନା ଅଧୀନ ଯୁକ୍ତ୨ କଲେଜର ଜଣେ ଛାତ୍ରୀଙ୍କୁ ଜାନୁୟାରୀ ୨୯ତାରିଖରେ ଅପହରଣ କରାଯାଇଥିବା ନେଇ ତାଙ୍କ ବାପା ଅଭିଯୋଗ କରିଥିଲେ। ନାବାଳିକାଙ୍କୁ ଡେରାବିଶ ଥାନା ଅଞ୍ଚଳର ଜଣେ ବିବାହିତ ଯୁବକ ଅପହରଣ କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ସମ୍ପୃକ୍ତ ଯୁବକଙ୍କ ମୋବାଇଲ ଫୋନକୁ ମହାକାଳପଡ଼ା ଓ ଡେରାବିଶ ଥାନା ପୋଲିସ ଟ୍ରାକ୍ କରିଥିଲା। ଉଭୟ ଥାନା ପୋଲିସ ଚଢ଼ାଉ କରି ସୋମବାର ରାତି ୨ଟାରେ ଡେରାବିଶ ଅଞ୍ଚଳରୁ ଦୁଇଭାଇ ଲିଟୁ ମଲ୍ଲିକ(୨୬) ଓ ପିଣ୍ଟୁ ମଲ୍ଲିକ (୨୩)ଙ୍କୁ ଗିରଫ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ବଡଭାଇ ଜଣକ ବିବାହ କରିଛନ୍ତି। ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପରେ ସାନ ଭାଇ ବିବାହର ପତିଶ୍ରୁତି ଦେଇ ଛାତ୍ରୀ ଜଣଙ୍କୁ ନେଇଥିଲେ। ଛାତ୍ରୀଙ୍କୁ ନେବା ପରେ ଦୁଇଭାଇ ତାଙ୍କୁ ବଳାତ୍କାର କରିଥିବା ନେଇ ସେ ପୋଲିସକୁ କହିଛନ୍ତି। ମଙ୍ଗଳବାର ଦୁଇଭାଇ ଓ ଛାତ୍ରୀଙ୍କ ଡାକ୍ତରୀ ମାଇନା କରାଯାଇଛି। ଭାଇ ଦ୍ୱୟଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ମହାକାଳପଡ଼ା ଥାନା ଅଧିକାରୀ ମନୋରଞ୍ଜନ ଚୌଧୁରୀ କହିଛନ୍ତି। ଥାନାରେ ନଂ. ୨୫/୨୧ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### କ୍ରିକେଟ ଟୁର୍ନାମେଣ୍ଟ: ପିକରାଳି କ୍ଲବ ଚାମ୍ପିୟନ

ମାର୍ଶାଘାଇ, ୨।୨(ଡି.ଏନ.ଏ.): ମାର୍ଶାଘାଇ ବ୍ଲକ ତାଳସଙ୍ଗା ପଞ୍ଚାୟତ ଭୂଷରଙ୍ଗ ବାଲିବିଲସ୍ଥ ୪ର୍ଥ ବାର୍ଷିକ ତୁଷାର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳରେ ହରିଦାସପୁରର କେସିସିକୁ ହରାଇ ପିକରାଳି ଜୟ କପିଳ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ପିକରାଳି କ୍ଲବ ୨୫୭ ରନ କରିଥିଲା। ଜବାବରେ ହରିଦାସପୁର ଟିମ ଆବଶ୍ୟକ ରନ୍ କରି ନ ପାରି ପରାଜୟ ବରଣ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ପାରାଦୀପର ଶ୍ରମିକ ନେତା ଗୋଲେକ ଚନ୍ଦ୍ର ନାୟକ, ଗଙ୍ଗାଧର ପରିଡା, ପ୍ରଫୁଲ୍ଲ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ କମିଟି ସଦସ୍ୟ ବାପି ଦାସ, ଅନିଲ ସେନାପତି, ପ୍ରମୁଖ ପରିଚାଳନା କରିଥିଲେ।

### ମହାବୀର କ୍ରିକେଟ ଟିମ୍ ଚାମ୍ପିୟନ

ମାର୍ଶାଘାଇ, ୨।୨(ଡି.ଏନ.ଏ.): ମାର୍ଶାଘାଇ ବ୍ଲକ ଲୁଣା କରାଣ୍ଡିଆ ତ୍ରିକୋଣଭୂମି ବିକାଶ ପରିଷଦ ପକ୍ଷରୁ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଟିମ ଯୋଗ ଦେଇଥିଲେ। ଫାଇନାଲ ଖେଳ ଡେରାବିଶ ବ୍ଲକ ନୀଳକଣ୍ଠପୁର କ୍ରିକେଟ ଟିମ ସହ ଜମପଡା ଟିମର ହୋଇଥିଲା। ମହାବୀର କ୍ରିକେଟ ଟିମ୍ ୮ ଉଇକେଟ ବିନିମୟରେ ୬୯ ରନ୍ ସଂଗ୍ରହ କରିଥିଲା। ନୀଳକଣ୍ଠପୁର କ୍ରିକେଟ ଟିମ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୫୪ ରନ୍ ସଂଗ୍ରହ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରବି ସାମଲ, ଶିକ୍ଷାବିତ ନୃସିଂହ ଚରଣ ପରିଡା, ମନୋଜ ରାଉତ, କମଳାକାନ୍ତ ଦାସ, ମନୋଜ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ପରିଷଦର କର୍ମକର୍ତ୍ତା ଅଜୟ କୁମାର ମହାନ୍ତି, ବିଧୁଭୂଷଣ ମହାନ୍ତି ପ୍ରମୁଖ ପରିଚାଳନା କାରିଥିଲେ।

# ସମୁଦ୍ର ତଟାଞ୍ଚଳର ୭ ନଦୀକୁ ସଂଯୋଗ କରାଯାଉ

- ପ୍ରତିବର୍ଷ ବନ୍ୟାରେ ପ୍ରଭାବିତ ୫୫ ପଞ୍ଚାୟତ
- ବର୍ଷାଦିନ ପୂର୍ବରୁ ନଦୀବନ୍ଧ ମରାମତି ଦାବି
- ଲୁଣା ତଟବନ୍ଧରେ ପଥର ପ୍ୟାକିଂ ଖସୁଛି

**କେନ୍ଦ୍ରାପଡ଼ା ଅଫିସ, ୨।୨**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଞ୍ଚଳର ଗୋବିନ୍ଦପୁର, ଡିମିରିପାଳ, ପେଟପଡା, ସଂସିଧା, ଏରଡଙ୍ଗ, ଦେସାହି, ପାଳମୀ, କେତୁଆପାଳ ଆଦି ୧୦ ପଞ୍ଚାୟତକୁ କାଣୀ, ଖରସ୍ରୋତା, ବ୍ରାହ୍ମଣୀ ନଦୀ ଘେରି ରହିଛି। ବାଳକାଟୀ, କୋଳଡ଼ିହ ଓ ମହୁ ଗାଁ ଖରସ୍ରୋତାରେ ଲୀନ ହେବାରେ ଲାଗିଛି। ଚୁନବନ୍ଧଠାରୁ ସାନଆଙ୍କୋ, ପତ୍ରପୁରଠାରୁ ଗୋପାଳପୁର, ଚୁଙ୍ଗାଠାରୁ ବଉଳଯୋଡି ନଦୀବନ୍ଧ ପଥରପ୍ୟାକିଂ ହୋଇଥିଲେ ମଧ୍ୟ ଶୋଚନୀୟ ଅବସ୍ଥାରେ ଅଛି। କେବଳ ଆଳି ବ୍ଲକରେ ଏହି ନଦୀବନ୍ଧ ସମସ୍ୟା ଦେଖାଯାଇନାହିଁ। ଜିଲାର ୭ ନଦୀ ଓ ୨୭ ଶାଖା କେନାଲ ବନ୍ଧର ଦୁରବସ୍ଥା ସ୍ଥାନୀୟ ଗ୍ରାମବାସୀଙ୍କୁ ଆତଙ୍କିତ କରିବା ସହ ଚାଷ ନଷ୍ଟ କରୁଛି। ନଦୀଗୁଡିକରେ ପ୍ରତିବର୍ଷ ବନ୍ୟାଜଳ ଆସି ଜିଲାର ଉପାନ୍ତ ଅଞ୍ଚଳରେ ଥିବା ୫୫ ପଞ୍ଚାୟତବାସୀଙ୍କ ଜୀବନଜୀବିକାରେ ବାଧା ସୃଷ୍ଟି କରୁଛି। ପ୍ରଶାସନ ପକ୍ଷରୁ ଏହି ନଦୀବନ୍ଧକୁ ବର୍ଷାଦିନେ ମରାମତି କରାଯାଉଥିବାରୁ ଜନସାଧାରଣ ଏହାକୁ ବିରୋଧ କରୁଛନ୍ତି। ଲୁଣା ତଟବନ୍ଧରେ ପଥର ପ୍ୟାକିଂ ଖସି ଯାଉଥିବାରୁ ସମୁଦ୍ର ମାଡି ଆସିବା ଭୟ ସେମାନଙ୍କୁ ଘାରିଛି। ମେ ସୁଦ୍ଧା ସମସ୍ତ ନଦୀ, କେନାଲ ବନ୍ଧ ମରାମତି କାର୍ଯ୍ୟ ସାରିବା ଓ ସମୁଦ୍ରରେ ମିଶି ଥିବା ୭ ନଦୀକୁ ଏକ ବୃହତ୍ କେନାଲ ମାଧ୍ୟମରେ ସଂଯୋଗୀକରଣ କରି ବନୀକରଣକୁ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀ, ପରିବେଶବିତ୍ ଦାବି କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କୁହନ୍ତି, ଜିଲାରେ ଜଳସମ୍ପଦ ବିଭାଗର ଦୁଇ ଡିଭିଜନ ସହ ଆଳି ତଟବନ୍ଧ କାର୍ଯ୍ୟାଳୟ ଅଛି। ଏହି କାର୍ଯ୍ୟାଳୟ ମାଧ୍ୟମରେ ଜିଲାରେ ଥିବା ନଦୀ ଓ କେନାଲର ପରିଚାଳନା ହେଉଛି। ସେହିପରି ଜିଲାର ଶେଷ ମୁଣ୍ଡରେ ଥିବା ୪୮ କି.ମି. ଲମ୍ବର ସମୁଦ୍ର ତଟାଞ୍ଚଳର ସୁରକ୍ଷା ଦାୟିତ୍ୱ ନେଇଛନ୍ତି। ଏହାସତ୍ତ୍ୱେ ଜମି ପାଇଁ ଜଳ ପରିଚାଳନା ଜିଲାର ବଡ ସମସ୍ୟା ହୋଇଛି। ନଦୀବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ ବର୍ଷାଦିନକୁ ଛାଡି ଅନ୍ୟ ଋତୁରେ ହୋଇପାରନ୍ତା। ବିଭାଗୀୟ ଅଧିକାରୀ ବର୍ଷାଦିନ ଆରମ୍ଭରେ ଦୁର୍ବଳ ଚିହ୍ନିତ ନଦୀବନ୍ଧରେ ମାଟି ଓ ବାଲି ପକାଇ ଅର୍ଥ ଲୁଟୁଛନ୍ତି। ଅର୍ଥ ଖର୍ଚ୍ଚ ସତ୍ତ୍ୱେ ସମସ୍ୟାର ସମାଧାନ ହେଉନାହିଁ। ଏବେଠାରୁ ବନ୍ୟାଞ୍ଚଳକୁ ଚିହ୍ନଟ ସହ ଆସନ୍ତା ମେ ସୁଦ୍ଧା ବନ୍ଧ ସୁଦୃଢ଼ୀକରଣ ପାଇଁ ସେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି ଓ ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି, ନଦୀ ଜଳ ପରିଚାଳନା ଜିଲାର ବଡ ସମସ୍ୟା ହୋଇଛି। ସମୁଦ୍ର ମୁହାଣ ପୋତି ହେଉଛି। ଏହାକୁ ଡ୍ରେଜିଂ କରା ନ ଯିବାରୁ ବନ୍ୟା ସମୟରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇପାରୁନାହିଁ। ଏହା ବ୍ୟତୀତ ଜାନୁୟାରୀଠାରୁ ନଦୀଗୁଡିକ ଶୁଖିବା ଆରମ୍ଭ ହେଲାଣି। ଫଳରେ ସ୍ଥାନୀୟ ଚାଷ ସହ ହେନ୍ତାଳବଣ ନଷ୍ଟ ହେବ। ହେନ୍ତାଳବଣ ନଷ୍ଟ ଫଳରେ ତଟକ୍ଷୟ ହେବାରେ ଲାଗିଛି। ନିକଟରେ ସାତଭାୟାବାସୀଙ୍କୁ ୧୫ କି.ମି. ଦୂର ବଗପାଟିଆକୁ ସ୍ଥାନାନ୍ତର କରାଯାଇଛି। ଜିଓ ସିନ୍ଥେଟିକ ଟ୍ୟୁବ୍‌ୱାଲ ଜୁଆର ମାଡକୁ ସହି ପାରୁନାହିଁ। ଏଥିପାଇଁ ସମୁଦ୍ରର ୧୫ କି.ମି. ଦୂରରେ ନଦୀର ଶେଷ ମୁଣ୍ଡକୁ ସଂଯୋଗ କରି ତଟାଞ୍ଚଳରେ ବୃହତ୍ କେନାଲ ଖୋଳାଯିବା ଆବଶ୍ୟକ। ଏହାଦ୍ୱାରା ଖରାଦିନେ କ୍ଷେତ ଓ ଜାତୀୟ ଉଦ୍ୟାନ ଭିତରକନିକାକୁ ମଧୁର ଜଳ ଛଡା ଯାଇପାରିବ। ସେହିପରି ନଦୀ, ନାଳରେ ବ୍ୟାରେଜ ଓ କ୍ରିକ ବନ୍ଧ ପାଇଁ ସେମାନେ ମତ ରଖିଛନ୍ତି। ଏ ସମ୍ପର୍କରେ ଜିଲା ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରବୋଧ କୁମାର ରାଉତ କୁହନ୍ତି, ଚଳିତବର୍ଷ ପାଇଁ ଦୁର୍ବଳ ନଦୀବନ୍ଧର ସ୍ଥାନ ଚିହ୍ନଟ ହୋଇଛି। ଖରାଦିନ ମଧ୍ୟରେ ଏହାର ମରାମତି ହୋଇଯିବ। ୭ ନଦୀ ସଂଯୋଗୀକରଣ ସମ୍ପର୍କରେ ଅଦ୍ୟାବଧି କୌଣସି ପ୍ରସ୍ତାବ ନାହିଁ। ସ୍ଥାନ ଚିହ୍ନଟ, ଲୋକଙ୍କ ବିସ୍ଥାପନ, ପରିବେଶ ଓ ପରିସ୍ଥିତି ଅନୁଧ୍ୟାନ ପରେ ଏପରି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇପାରିବ।

## ଇଟାଭାଟି ନିର୍ମାଣକୁ ବିରୋଧ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତବାସୀଙ୍କ ବିକ୍ଷୋଭ ପ୍ରଦର୍ଶନ।

**କେନ୍ଦ୍ରାପଡା ଅଫିସ, ୨।୨**

କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକ ପଣଷଗଣ୍ଡ ପଞ୍ଚାୟତର ଗୋଚର ଜମିରେ ଇଟାଭାଟି ନିର୍ମାଣ ହେଉଛି। ଏହାଦ୍ୱାରା ପରିବେଶ ପ୍ରଦୂଷଣ ସହ ଚାରଣଭୂମିର ଅଭାବ ଦର୍ଶାଇ ପଞ୍ଚାୟତବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏ ସମ୍ପର୍କରେ ବିକ୍ଷୋଭକାରୀ ଅଜିତ କୁମାର ମହାପାତ୍ର କହିଛନ୍ତି, ଗ୍ରାମର କେତେଜଣ ବ୍ୟକ୍ତି ବେଆଇନ ଭାବେ ସରକାରୀ ଜମିରେ ଇଟାଭାଟି ନିର୍ମାଣ କରୁଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ଉପଜିଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗପତ୍ର ଦିଆଯାଇଛି। ଏଥିରେ ସୁଫଳ ନ ମିଳିବାରୁ ଏହି ବିକ୍ଷୋଭ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ଦାବିପତ୍ର ମିଳିବା ପରେ ତଦନ୍ତ ପାଇଁ ରାଜକନିକା ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବିକ୍ଷୋଭରେ ସୁରେଶ ମଲିକ, ଶୈଳେଶ ଦାସ, ପ୍ରସନ୍ନ କୁମାର ମଲିକ, ନବକିଶୋର ମଲିକ, କେଦାରନାଥ ମଲିକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଜଙ୍ଗଲ ଜମିରୁ ମୋରମ ଚାଲାଣ

**କଳିଙ୍ଗନଗର,୨।୨(ଡି.ଏନ.ଏ.)**


ହାଇୱାରେ ମୋରମ ଚାଲାଣ କରାଯାଉଛି।

ଯାଜପୁର ଜିଲା ଦାନଗଦି ତହସିଲ ବାଲିଆପାଳ ମୌଜାର ଏକ ଜଙ୍ଗଲ କିସମ ଜମିରୁ ଜାତୀୟ ରାଜପଥ (ଏନଏଚ) ସମ୍ପ୍ରସାରଣ କାର୍ଯ୍ୟ ନାମରେ ବିପୁଳ ପରିମାଣର ମୋରମ ଚୋରା ଚାଲାଣ କରାଯାଉଛି। ତହସିଲ ପକ୍ଷରୁ ଜାରି ନିର୍ଦ୍ଧାରିତ ପରିମାଣଠାରୁ ପ୍ରାୟ ୪ ଗୁଣ ଅଧିକ ମୋରମ ଉତ୍ତୋଳନ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଲୋକେ ପ୍ରତିବାଦ କଲେ ସେମାନଙ୍କୁ ଧମକ ଦିଆଯାଉଛି। କେବଳ ଜାତୀୟ ରାଜପଥ କାର୍ଯ୍ୟରେ ନୁହେଁ ବରଂ ଅନ୍ୟ ସ୍ଥାନକୁ ସେଠାରୁ ମୋରମ ଚାଲାଣ କରାଯାଉଛି।

ସୂଚନାଯୋଗ୍ୟ, ବାଲିଆପାଳ ମୌଜାର ଖାତା ନମ୍ବର ୩୧୫, ପ୍ଲଟ ନଂ. ୯୦୫/୯୦୬ରେ ଥିବା ଜମିରୁ ୧.୫ ଲକ୍ଷ ଘନ ମିଟର ମୋରମ ଉତ୍ତୋଳନ କରିବାକୁ ଅନୁମତି ମିଳିଛି। ଏଥିପାଇଁ ଲିଜଧାରୀ ୬୪ ଲକ୍ଷ ଟଙ୍କା ରାଜସ୍ୱ ଜମା କରିଛନ୍ତି। କିନ୍ତୁ ଉପରୋକ୍ତ ପ୍ଲଟରେ ୪.୬୨ ଏକର ଅଞ୍ଚଳରେ ପାହାଡ ଭଳି ମୋରମ ଗଦା କରାଯାଇଛି। ଯାହା କି ଅନୁମତିଠାରୁ ଢେର ଗୁଣ ଅଧିକ। ମୋରମ ପରିବହନ ପାଇଁ ଦୈନିକ ଗୋଟିଏ ଆର-ଫର୍ମ ପ୍ରଦାନ କରାଯାଉଛି। କିନ୍ତୁ ସେହି ଗୋଟିଏ ଆର-ଫର୍ମରେ ଏକାଧିକ ଥର ମୋରମ ପରିବହନ କରାଯାଉଛି। ଏହାସହ ଓଭରଲୋଡିଂ ପରିବହନ ଯୋଗୁ ବାଲିଆପାଳଠାରୁ ଡବୁରି ଏବଂ ଢୁବୁରୀଠାରୁ ପାଣିକୋଇଲି ଜାତୀୟ ରାଜପଥ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଯାଜପୁର ଆଞ୍ଚଳିକ ପରିବହନ ବିଭାଗ ମଧ୍ୟ ଏ ନେଇ ଆଖି ବୁଜି ଦେଇଛି। ପୂର୍ବରୁ ଦାନଗଦି ତହସିଲ ପକ୍ଷରୁ ପ୍ରାୟ ୬୦ ହଜାର ଘନ ଫୁଟ ମୋରମ ଜବତ ହୋଇଥିଲା। ଯାହାର ଆନୁମାନିକ ମୂଲ୍ୟ ୧୦ କୋଟି ହେବ ବୋଲି କୁହାଯାଉଛି। ସମ୍ପ୍ରତି ଉକ୍ତ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ଷ୍ଟେଜ-୧ ପ୍ରକ୍ରିୟା ପ୍ରାୟତଃ ସମ୍ପନ୍ନ ହୋଇଛି। ଏହି ସୁଯୋଗରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗରେ ପ୍ରଶାସନିକ ଅନୁମତି ନେଇ ଭଦ୍ରକ ଜିଲା ଛତାବର ଅଞ୍ଚଳକୁ ସମସ୍ତ ମୋରମ ଚାଲାଣ ହୋଇସାରିଛି। ଏ ସଂକ୍ରାନ୍ତରେ ତହସିଲଦାର ନର୍ମଦା ମୋଦିଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା। ସେ ଉଠାଇ ନ ଥିଲେ।

## ୫୧ ବାଇକ୍‌କୁ ଲକ୍ଷେ ୪୧ ହଜାର ଜରିମାନା

**ରାଜନଗର,୨।୨(ଡି.ଏନ.ଏ.)**

ତାଲଚୁଆ ସାମୁଦ୍ରିକ ଥାନା ପକ୍ଷରୁ ହେଲମେଟ ଚେକିଂ କଡାକଡିକରାଯାଇଛି। ହେଲମେଟ ପିନ୍ଧି ନ ଥିବା, ମୋବାଇଲ ଫୋନରେ ଗପି ଗାଡି ଚଳାଇବା ଓ ଡ୍ରାଇଭିଂ ଲାଇସେନ୍ସ ନ ଥିବା କାରଣରୁ ୧ ଲକ୍ଷ ୪୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୩୧ ତାରିଖରେ ୩୭ ବାଇକ୍‌ରୁ ୮୬ ହଜାର ଓ ୧ ତାରିଖରେ ୧୪ଟି ଗାଡ଼ିରୁ ୫୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ମଙ୍ଗଳବାର ଏକ ନମ୍ବର ବିହୀନ ବାଇକ୍‌ରେ ରାଜନଗର ବ୍ଲକର ଜୁନିୟର ମତ୍ସ୍ୟ ଅଧିକାରୀ ବିକାଶ ନାୟକଙ୍କ ସମେତ ରଞ୍ଜନ କୁମାର ଜେନା ଓ ଦର୍ପନାରାୟଣ ଜେନା ବସି ଯାଉଥିଲେ। ବାଇକ୍‌ର ଇନ୍ସୁରାନ୍ସ ଓ ରେଜିଷ୍ଟ୍ରେଶନ ନମ୍ବର ନ ଥିଲା। ୨୦୧୫ରୁ ବାଇକ୍ କିଣାଯାଇଥିଲେ ମଧ୍ୟ ଆରଟିଓରେ ରେଜିଷ୍ଟ୍ରେଶନ ହୋଇନି। ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନ ଥିବାବେଳେ ୩ ଜଣ କେହି ହେଲମେଟ ପିନ୍ଧି ନ ଥିଲେ। ଏହି ବାଇକ୍‌ର ପଛରେ ନମ୍ବର ବଦଳରେ କମିଙ୍ଗ୍‌ସୁନ୍ ଦୀପ ଲେଖା ହୋଇଥିଲା। ବାଇକ୍‌ରୁ ୧୧ ହଜାର ଟଙ୍କା ଫାଇନ ଆଦାୟ କରାଯାଇ ଥାନାରେ ଅଟକ ରଖାଯାଇଛି। ମୋବାଇଲରେ କଥା ହୋଇ ଦ୍ରୁତଗତିରେ ହେଲମେଟ ନ ପିନ୍ଧି ବାଇକ୍ ଚଳାଇବା କାରଣରୁ ୨୫ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ ପାଇଁ ଥାନା ପକ୍ଷରୁ କେନ୍ଦ୍ରାପଡ଼ା ଆରଟିଓଙ୍କୁ ସୁପାରିଶ କରାଯାଇଛି।

## ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ କୋଠା ନିର୍ମାଣ: ଏବେ ଭୂତକୋଠି


ଅର୍ଦ୍ଧନିର୍ମିତ ଅବସ୍ଥାରେ ବଙ୍ଗଳା।

**ପଟ୍ଟାମୁଣ୍ଡାଇ, ୨।୨(ସ୍ୱ.ପ୍ର.)**

ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହେଉଛି କୋଠା। କେଉଁଠି ଅଧାପନ୍ତରିଆ ହୋଇପଡିଛି ତ ଆଉ କେଉଁଠି ଉଦ୍‌ଘାଟନ ବି ହୋଇଛି। ହେଲେ କୌଣସି କାରଣରୁ ଏହି ସବୁ କୋଠା ଲୋକଙ୍କ କାମରେ ଆସୁନାହିଁ। ପରିତ୍ୟକ୍ତ ଭାବେ ପଡ଼ି ରହି ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅଫିସ କାର୍ଯ୍ୟାଳୟ ଭଡ଼ା ଘର କିମ୍ବା ପୁରୁଣା କୋଠାରେ ଚାଲିଛି। ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ। ପଟ୍ଟାମୁଣ୍ଡାଇ ସହରଠାରୁ ୪କି.ମି. ଦୂର ଖଡିଅଣ୍ଟା ହାଇସ୍କୁଲ ସାମ୍ନାରେ କାହିଁ କେତେବର୍ଷ ପୂର୍ବରୁ ଅଧାପନ୍ତରିଆ ହୋଇ ପଡିରହିଛି ଡାକବଙ୍ଗଳା। ସରକାରୀ ତହବିଲରୁ ୫୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୮ କୋଠରି ବିଶିଷ୍ଟ ଡାକବଙ୍ଗଳା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୮୦ ପ୍ରତିଶତ କାମ ଶେଷ ହୋଇଛି। ବଙ୍ଗଳା କାର୍ଯ୍ୟ କ'ଣ ପାଇଁ ବନ୍ଦ କରାଯାଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ୪ ଲକ୍ଷ ୨୫ ହଜାର ଟଙ୍କା ବ୍ୟୟରେ ଖଡିଅଣ୍ଟା ପ୍ରାଣୀ ଚିକିତ୍ସା କେନ୍ଦ୍ର ଓ ସମନ୍ୱିତ ପ୍ରାଣୀ ଚିକିତ୍ସା କେନ୍ଦ୍ର ଭଡାଘରେ ଚାଲିଛି। ଏହି ଘରଭଡା ବାବଦ ଅର୍ଥ ପଟ୍ଟାମୁଣ୍ଡାଇ ପ୍ରାଣୀ ଚିକିତ୍ସା କେନ୍ଦ୍ର ବହନ କରୁଛି। ଖଡିଅଣ୍ଟାରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏଏନ୍‌ଏମ କେନ୍ଦ୍ର ନିର୍ମିତ ହୋଇଥିଲେ ମଧ୍ୟ ତାହା ଏବେ ଭୂତକୋଠି ପାଲଟିଛି। ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଟ୍ଟାମୁଣ୍ଡାଇ ଅବକାରୀ ଥାନା ନିର୍ମିତ ହୋଇଥିଲେ ହେଁ ଏବେ ତାହା ବନ୍ଦ ହୋଇରହିଛି। ମ୍ୟୁନିସିପାଲିଟି ପକ୍ଷରୁ ବସ୍‌ଷ୍ଟାଣ୍ଡ ନିକଟରେ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ କୋଠା ମଧ୍ୟ ବନ୍ଦ ହୋଇପଡିଛି। କାରଣ ଉକ୍ତ ଜାଗାକୁ ପୌର କର୍ତ୍ତୃପକ୍ଷ ୯୦ ବର୍ଷ ଲିଜ୍‌ରେ ଜଣେ ବ୍ୟବସାୟୀଙ୍କୁ ଦେଇଥିବା ଅଭିଯୋଗ ହୋଇଛି। ଏଭଳି ବିଭିନ୍ନ ପଞ୍ଚାୟତରେ ଏଏନ୍‌ଏମ୍, ଅଙ୍ଗନୱାଡି, ପ୍ରାଣୀ ଚିକିତ୍ସା କେନ୍ଦ୍ର, ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀ ଆଦି ନିର୍ମାଣ ହୋଇଥିଲେ ମଧ୍ୟ ତାହା ଅଧାପନ୍ତରିଆ ହୋଇ ପଡି ରହିବାରୁ ଲୋକେ ସେବା ନ ପାଇ ହଇରାଣ ହେଉଛନ୍ତି। ରାଜ୍ୟ ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ୩ ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗ

**ଯାଜପୁର ଟାଉନ,୨।୨(ଡି.ଏନ.ଏ.)**

ଯାଜପୁର ଜିଲା ଯୋଗାଣ ବିଭାଗ ଅଧିକାରୀ ୩ଜଣ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଆକ୍ରମଣ କରିବା ସହ ଦୁର୍ବ୍ୟବହାର କରିଥିବା ଯାଜପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ମଙ୍ଗଳବାର ଖବର ସଂଗ୍ରହ କରିବା ପାଇଁ ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଅନିଲ ପଣ୍ଡା, ପରମେଶ୍ୱର ବେହୁରିଆ ଓ ଭିଡିଓ ଜର୍ନାଲିଷ୍ଟ ସୌମ୍ୟରଞ୍ଜନ ଦାସ ଯାଇଥିଲେ। ମାତ୍ର ଏହି ସମୟରେ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଭୋଜିଭାତ ହେଉଥିଲା। ତେବେ ଖବରଦାତାଙ୍କୁ ଦେଖିବାମାତ୍ରେ ଯୋଗାଣ ଅଧିକାରୀ ପ୍ରଭାକର ପାତ୍ର ହଠାତ୍ ଅନିଲଙ୍କୁ ଧକ୍କା ମାରିଥିଲେ। ପରେ ସେଠାରେ ଉପସ୍ଥିତ ପରମେଶ୍ୱର ବେହୁରିଆ କାହିଁକି ଏ ପ୍ରକାର କରୁଛ ବୋଲି ପଚାରିବାରୁ ପାତ୍ର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ମୁହଁ ତଳେ କାହିଁକି ମାସ୍କ ରଖିଛ କହି କାର୍ଯ୍ୟାଳୟ ବାହାରକୁ ଧକ୍କା ମାରି ବାହାର କରିଦେଇଥିଲେ। ଅନୁରୂପ ଭାବେ ସୌମ୍ୟରଞ୍ଜନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସେଠାରେ ଉପସ୍ଥିତ ଥିବା କର୍ମଚାରୀମାନେ ମଧ୍ୟ ଖବରଦାତାମାନଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ, ଯୋଗାଣ ବିଭାଗ କାର୍ଯ୍ୟାଳୟର କର୍ମଚାରୀ ଅଫିସ କାର୍ଯ୍ୟ ନ କରି ଭୋଜିଭାତରେ ବ୍ୟସ୍ତ ରହିଥିଲେ। ଅନ୍ୟପକ୍ଷରେ ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ଯାଜପୁର ପ୍ରେସ୍‌କ୍ଲବ୍, ଯାଜପୁର ସାମ୍ବାଦିକ ୟୁନିୟନ୍, ରାଜ୍ୟ ସାମ୍ବାଦିକ ସଂଘ ଓ ଜିଲା ଭାଜପା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ରାଜ୍ୟବାପୀ ଆନ୍ଦୋଳନ କରାଯିବ ବୋଲି ଚେତବାନୀ ଦିଆଯାଇଛି। ଏସମ୍ପର୍କରେ ଯୋଗାଣ ଅଧିକାରୀ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

## ଏଟିଏମ୍ କାର୍ଡ ବଦଳାଇ ଲୁଟ୍ ଅଭିଯୋଗ

**ରସୁଲପୁର,୨।୨(ଡି.ଏନ.ଏ.)**

ଜଣେ ମହିଳାଙ୍କ ଏଟିଏମ୍ କାର୍ଡ ବଦଳାଇ ଲୁଟେରା ଟଙ୍କା ଲୁଟ୍ କରିଥିବା କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ଲୁଟେରା ତାଙ୍କ ଆକାଉଣ୍ଟରୁ ୩ ଥରରେ ୧୬,୧୦୦ ଟଙ୍କା ଉଠାଇ ନେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଭୁବନେଶ୍ୱର ଧଉଳି ଥାନା ଅଞ୍ଚଳର ଜଗତ୍ ରଞ୍ଜନ ପଟ୍ଟନାୟକ ବରୁଆଁସ୍ଥିତ ଆଦର୍ଶ ବିଦ୍ୟାଳୟରେ ଚାକିରି କରୁଛନ୍ତି। ଶନିବାର ତାଙ୍କ ସ୍ତ୍ରୀ ସନ୍ତୋଷିନୀ ଶାଶୁ ଘରକୁ ଯାଉଥିଲା ବେଳେ ହରିପୁର ଏସ୍‌ବିଆଇ ଏଟିଏମ୍‌ରୁ ଟଙ୍କା ଉଠାଉ ଥିଲେ। ଏହି ସମୟରେ ଜଣେ ଲୁଟେରା କୌଶଳ କରି ତାଙ୍କର ଏଟିଏମ୍ କାର୍ଡକୁ ବଦଳାଇ ନେଇଥିଲେ। ଲୁଟେରା ଜଣକ ମୁଗୁପାଳସ୍ଥିତ ଏଟିଏମ୍ ଓ ଜାରକା ବଜାରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇଥିବା ମହିଳାଙ୍କ ମୋବାଇଲକୁ ମ୍ୟାସେଜ ଆସିଥିଲା। ପୋଲିସ ଜଣେ ଏଟିଏମ ଲୁଟେରାଙ୍କ ଫଟୋକୁ ଅଭିଯୋଗକାରିଣୀ ମହିଳାକୁ ଦେଖାଇଛି। ଉକ୍ତ ଅଭିଯୁକ୍ତଙ୍କୁ ମହିଳା ଜଣକ ଚିହ୍ନଟ କରିଛନ୍ତି। ପୋଲିସ ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି।

## ଏଲିମେଣ୍ଟାରୀ ଶିକ୍ଷକ ସଂଘର ଧାରଣା

**ଦଶପଲ୍ଲା,୨।୨( ଡି.ଏନ୍.ଏ.)**

ବିଭିନ୍ନ ଦାବି ନେଇ ୨୦୧୬ରୁ ଆଜି ପର୍ଯ୍ୟନ୍ତ ଦାବିପତ୍ର ପ୍ରଦାନ, ଅନୁରୋଧ ପରେ ବି ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ। ଏହାକୁ ବିରୋଧ କରି ମଙ୍ଗଳବାର ଦଶପଲ୍ଲା ଏଲିମେଣ୍ଟାରୀ ଶିକ୍ଷକ ସଂଘ ତରଫରୁ ବ୍ଲକ୍ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ବିଶେଷ କରି ଏମ୍‌ଏସିପି ସ୍ଥିର କରିବା ସମୟରେ ହୋଇଥିବା ତ୍ରୁଟିର ସଂଶୋଧନ, ଅଭିଯୋଗ କରିଥିବା ୧୪ ଶିକ୍ଷକଙ୍କ ପ୍ରାପ୍ୟ ପ୍ରଦାନ, ଶିକ୍ଷକମାନଙ୍କୁ ବ୍ୟକ୍ତିଗତ ଭାବେ ଅଫିସ୍ କାର୍ଯ୍ୟରେ ନିୟୋଜିତ ନ କରିବା, ମାଟ୍ରିକ ସିଟି ଶିକ୍ଷକମାନଙ୍କ ୩୦ବର୍ଷିଆ ଏମଏସିପି କରିବା ଆଦି ଦାବି ନେଇ ଏହି ଆନ୍ଦୋଳନ ଆରମ୍ଭ ହୋଇଛି ବୋଲି ସଂଘର ସମ୍ପାଦକ ରଶ୍ମୀ ରଞ୍ଜନ ପଟ୍ଟନାୟକ, ସଭାପତି ଜୟଦେବ ମିଶ୍ର କହିଛନ୍ତି। ଏହି ଧାରଣାରେ ଶତାଧିକ ଶିକ୍ଷକ ସାମିଲ ହୋଇଛନ୍ତି।


ଶିକ୍ଷକମାନେ ଧାରଣାରେ ବସିଛନ୍ତି।

# ପୋକରା ଚାଉଳରେ ମଧ୍ୟାହ୍ନଭୋଜନ

- ପୁରୁଣା ନ ସରିବାଯାଏ ନୂଆ ଚାଉଳ ଦେବା ବନ୍ଦ
- ଅସନ୍ତୋଷ ପ୍ରକାଶ କଲେ ଅଭିଭାବକ
- ନୂଆ ଚାଉଳ ବିକ୍ରି ଅଭିଯୋଗ

**ନୟାଗଡ଼ ଅଫିସ,୨।୨**


ପିଲାମାନଙ୍କୁ ଦିଆଯାଉଥିବା ପୋକରା ଚାଉଳ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ କୋଷାକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନରେ ପୋକରା ଚାଉଳର ଭାତ ଖାଇବାକୁ ଦିଆଯାଉଛି। ଏନେଇ ଛାତ୍ରୀଛାତ୍ରମାନେ ପ୍ରତିବାଦ କଲେ ବି ଦାୟିତ୍ୱରେ ଥିବା ଶିକ୍ଷକ ଚାଉଳ ପରିବର୍ତ୍ତନ କରୁନାହାନ୍ତି। ପୁରୁଣା ଶେଷ ନ ହେବା ପର୍ଯ୍ୟନ୍ତ ନୂଆ ଚାଉଳ ଦେଇ ହେବ ନାହିଁ ବୋଲି ସେ କହୁଛନ୍ତି। ପୋକରା ଚାଉଳର ଭାତ ଖାଇଲେ କିଛି ଅସୁବିଧା ହେବ ନାହିଁ ବୋଲି ଛାତ୍ରୀଛାତ୍ରଙ୍କୁ ଶିକ୍ଷକ ବୁଝାଇ ଦେଉଛନ୍ତି। କରୋନା କଟକଣା ଯୋଗୁ ସ୍କୁଲ ବନ୍ଦ ରହିଥିଲା। ସେହି ସମୟରେ ଛାତ୍ରୀଛାତ୍ରଙ୍କ ଘରକୁ ମଧ୍ୟାହ୍ନଭୋଜନ ବାବଦ ଚାଉଳ ଦିଆଯାଇଥିଲା। ହେଲେ ପୋକରା ଚାଉଳ ଦେଖି ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଦାୟିତ୍ୱରେ ଥିବା ଶିକ୍ଷକ ସେହି ଚାଉଳକୁ ପରିବର୍ତ୍ତନ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି।

ଏନେଇ କୋଷାକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ର କୁହନ୍ତି, ସାର୍ ପୁରୁଣା ଚାଉଳ ଷ୍ଟକ୍ ଶେଷ ହେବାକୁ ଚାହୁଁଛନ୍ତି। ସେଥିପାଇଁ ନୂଆ ଚାଉଳ ଦେଉନାହାନ୍ତି। ଆମେ ଖତରା ଓ ପୋକରା ଚାଉଳ ନେବୁ ନାହିଁ ବୋଲି କହିଥିଲୁ। ସେ ଆମକୁ ବୁଝାଶୁଝା କରି ସେହି ଚାଉଳ ନେବା ପାଇଁ ବାଧ କରୁଛନ୍ତି। କୋଷାକଟା ଅଞ୍ଚଳର ଅଭିରାମ ପ୍ରଧାନ ନାମକ ଜଣେ ଅଭିଭାବକଙ୍କ ସୂଚନା ଅନୁସାରେ ସମ୍ପୃକ୍ତ ଶିକ୍ଷକ ପୁରୁଣା ପୋକରା ଚାଉଳ ଛାତ୍ରୀଛାତ୍ରଙ୍କୁ ଦେଇ ନୂଆ ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି। କରୋନା ଯୋଗୁ ଯେତେବେଳେ ସ୍କୁଲ ଛୁଟି ହୋଇଗଲା, ସେହି ଚାଉଳ ଆମ ବ୍ଲକର ଅନେକ ସ୍କୁଲରେ ଗଚ୍ଛିତ ଅଛି। ଧରପଗଡ଼ ନ ଥିବାରୁ ପିଲାଙ୍କୁ ସେହି ଚାଉଳ ଦେଇ ନୂଆ ଚାଉଳକୁ ହଡ଼ପ କରାଯିବାକୁ ଉଦ୍ୟମ ଚାଲିଛି। ନୂଆଗାଁର ସବିତା ନାୟକ ନାମ୍ନୀ ମହିଳା କହିଛନ୍ତି, କେବଳ ନୂଆଗାଁ କାହିଁକି ନୟାଗଡ ଜିଲାର ବିଭିନ୍ନ ସ୍କୁଲରେ ପୋକରା ଚାଉଳ ପିଲାଙ୍କୁ ଦିଆଯାଉଛି। ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳ କି ପ୍ରକାରର ପୁଷ୍ଟିକର ଖାଦ୍ୟ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏପରି ଅବ୍ୟବସ୍ଥା ଜାରି ରହିଛି। ଏନେଇ ଆମେ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ପଚାରିଥିଲୁ, ସେ କହିଛନ୍ତି ଆଗକୁ ଏପରି ହେବନାହିଁ। ଏଥର ଚଳାଇ ନିଅନ୍ତୁ। ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ ପଣ୍ଡା କୁହନ୍ତି, ଏ ସଂକ୍ରାନ୍ତରେ ଆମ ପାଖରେ କୌଣସି ଅଭିଯୋଗ ନ ଥିଲା। ଆମେ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବୁ।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୩ ଫେବୃୟାରୀ, ୨୦୨୧



## ବାଲି ବୋଝେଇ ୪ ଟିପ୍ପର ଜବତ

ପାଣିକୋଇଲି, (ଡି.ଏନ.ଏ.): ବ୍ୟାସନଗର ତହସିଲ ପକ୍ଷରୁ ଷଠିପୁର ବରୁଣ୍ଡାଇ ରାସ୍ତାର କରଦା ନିକଟରୁ ମଙ୍ଗଳବାର ୪ ବାଲି ବୋଝେଇ ଟିପ୍ପର ଜବତ କରାଯାଇଛି । ବାଲି ଟିପ୍ପରକୁ ଯାଞ୍ଚ ସମୟରେ କାଗଜପତ୍ର ନ ଥିବା ଜଣାପଡିଥିଲା । ସେହି ଟିପ୍ପରକୁ ପାଣିକୋଇଲି ପୋଲିସ ଜିମା ଦିଆଯାଇଥିଲା । ଜରିମାନା ଆଦାୟ ପରେ ସେହି ଟିପ୍ପରକୁ ଛାଡି ଦିଆଯାଇଛି ।

## ସଂକ୍ଷେପରେ

### ମାସିକିଆ ପଣ୍ୟ କାରବାରରେ ପାରାଦୀପ ବନ୍ଦରର ରେକର୍ଡ

ପାରାଦୀପ,୨।୨(ସ୍ୱ.ପ୍ର.): ପଣ୍ୟ କାରବାର କ୍ଷେତ୍ରରେ ପାରାଦୀପ ବନ୍ଦର ଜାନୁୟାରୀରେ ରେକର୍ଡ କରିଛି। ଉକ୍ତ ମାସରେ ୧୧.୧୭ ମେଟ୍ରିକ ଟନ୍ ପଣ୍ୟ କାରବାର କରିଛି। ମାର୍ଚ୍ଚ ୨୦୧୯ରେ ସର୍ବାଧିକ ୧୦.୫୫ମେଟ୍ରିକ ଟନ୍ ପଣ୍ୟ କାରବାର କରିଥିଲା। ସେହିପରି ଆଇଓଏଚ୍‌ପି ପ୍ଲଟରେ ଜାନୁୟାରୀରେ ୧୭୪ ରେକ୍ ବୋଝେଇ ଖଲାସ କରି ଅନ୍ୟ ଏକ ରେକର୍ଡ କରିଛି। ଏପ୍ରିଲରେ ୨୦୧୯ରେ ଆଇଓଏଚ୍‌ପି ପ୍ଲଟରେ ସର୍ବାଧିକ ୧୬୭ ରେକ୍ ବୋଝେଇ ଖଲାସ କରାଯାଇଥିଲା। ଜାନୁୟାରୀରେ ରେକର୍ଡ ସଂଖ୍ୟକ କାରବାର କରିବା ପରେ ବନ୍ଦର ଅଧକ୍ଷ ଭିନିତ୍ କୁମାର ସମସ୍ତ ବ୍ୟବହାରକାରୀ ସଂସ୍ଥାଙ୍କୁ ସାଧୁବାଦ ଜଣାଇଛନ୍ତି।

### ମଦ ପିଇବାକୁ ଟଙ୍କା ନ ମିଳିବାରୁ ୪ବର୍ଷ ପୁତୁରାକୁ ଆକ୍ରମଣ

ନୟାଗଡ ଅଫିସ,୨।୨:ପରିବାର ଲୋକେ ମଦ ପିଇବାକୁ ଟଙ୍କା ନ ଦେବାରୁ ଜଣେ ବ୍ୟକ୍ତି ନିଜର ୪ ବର୍ଷ ପୁତୁରାକୁ ଆକ୍ରମଣ କରିଛନ୍ତି। ଏଥିରେ ପୁତୁରା ସାଇକୃଷ୍ଣ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଇଟାମାଟି ଥାନା ପୋଲିସ ଦେଉଳସାହିର ମନୋଜ ସାହୁ (୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ମା'କନକଲତାଙ୍କ ଅଭିଯୋଗ ଅନୁସାରେ ମନୋଜ ସବୁବେଳେ ଘରୁ ଟଙ୍କା ଓ ସୁନା ନେଇ ମଦ ପିଇବାରେ ଖର୍ଚ୍ଚ କରୁଥିଲେ। ମନୋଜଙ୍କ ଏପରି ସ୍ୱଭାବ ଦେଖି ପରିବାର ଲୋକେ ଟଙ୍କା ଦେବା ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ମନୋଜ ନିଜର ୪ ବର୍ଷର ପୁତୁରା ସାଇକୃଷ୍ଣକୁ ସୋମବାର ରାତି ପ୍ରାୟ ୭ଟାରେ ଘରର କାନ୍ଥ ଉପରକୁ ଫୋପାଡି ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୭/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ଫେରାର ଅଭିଯୁକ୍ତ ଗିରଫ

ପାରାଦୀପ,୨।୨(ସ୍ୱ.ପ୍ର.): ପାରାଦୀପ ଅଭୟଚାନ୍ଦପୁର ପୋଲିସ ମଙ୍ଗଳବାର ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଢିଙ୍କିଆ ଗ୍ରାମର ଶେଷଦେବ ମଲ୍ଲିକ। ୨୦୧୬ ରେ ଶେଷଦେବ ଜଣେ ନାବାଳିକାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ପୋଲିସ ମାମଲା (ନଂ.୩୯/୧୬) ରୁଜୁ କରି ତଦନ୍ତ ଚଳାଇଥିଲା।

### ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ବିରିଡି,୨।୨(ଡି.ଏନ୍.ଏ.): ବିରିଡି ଥାନା ଅଞ୍ଚଳରୁ ୨୯ ଜାନୁୟାରୀରେ ଅପହରଣ ହୋଇଥିବା ୧୬ ବର୍ଷୀୟା ନାବାଳିକାଙ୍କୁ କଟକରୁ ଉଦ୍ଧାର କରାଯାଇଛି। ଏଥିସହ ଅଭିଯୁକ୍ତଙ୍କୁ ସୋମବାର ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ କଟକ ସଦର ଥାନା ଅନ୍ତର୍ଗତ ୪୨ ମୌଜା ବରାଳ ଠାକୁର ସାହିର ରାହୁଲ ବେଉରା ଓରଫ ରିଙ୍କୁ (୩୦)। ଏନେଇ ସମ୍ପୃକ୍ତା ନାବାଳିକା ପିତା ୩୦ ଜାନୁୟାରୀରେ ବିରିଡ଼ି ଥାନାରେ ଅଭିଯୋଗ କରିଥିଲେ। ବିବାହ ପ୍ରଲୋଭନ ଦେଖାଇ ଝିଅକୁ ଅପହରଣ କରିନିଆଯାଇଛି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ,୨୧/୨୧)ରୁଜୁ ହୋଇଛି। ରବିବାର ବିରିଡ଼ି ପୋଲିସ ରିଙ୍କୁଙ୍କ ବାସଭବନରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଡାକ୍ତରୀମାଇନା ପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଛି।

### ପୂର୍ବତନ ଦଲିଲ ଲେଖକ ସଂଘ ସଭାପତିଙ୍କ ବିୟୋଗ

ପଟ୍ଟାମୁଣ୍ଡାଇ, ୨।୨(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟ ଦଲିଲ ଲେଖକ ସଂଘ ପୂର୍ବତନ ସଭାପତି ରାଜକିଶୋର ରାଉଳଙ୍କ ସୋମବାରେ ରାତିରେ ଆକସ୍ମିକ ବିୟୋଗ ହୋଇଥିଲା। ରାଜକିଶୋର ୪୦ବର୍ଷ ଧରି ଦଲିଲ ଲେଖିବା ସହ ବିଭିନ୍ନ କାର୍ଯ୍ୟରେ ଜନସାଧାରଣଙ୍କୁ ସହଯୋଗ କରୁଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସବ୍‌ରେଜେଷ୍ଟ୍ରି ଦଲିଲ ସଂଘ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ସବ୍‌ରେଜିଷ୍ଟ୍ରାର ସାତ୍ୟାକୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଅମର ଆତ୍ମାର ସଦଗତି ଲାଗି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ସଭାପତି ସନ୍ତୋଷ ସାହୁ, ଶୁକାନ୍ତ ଜେନା, ଯୁଧିଷ୍ଠିର ରାୟ, କପିଳା ରାଉତ, ପ୍ରତାପ ରାଉତ, ଅରୁଣ ଲେଙ୍କା, ମୁଖ୍ୟ କିରାଣି ବିଜୟ ସେନାପତିଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ସେମାନେ ସ୍ୱର୍ଗତ ରାଜକିଶୋରଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିଥିଲେ।

# ପୁଣି କଳାହୀରାର କଳାବଜାର

- ୩ ଗିରଫ, ଜଣେ ଫେରାର
- ୫୩ ନମ୍ବର ଜାତୀୟ ରାଜପଥରେ ହେଲା ପର୍ଦ୍ଦାଫାଶ
- ନାଟକ ରଚିଥିଲେ ଟ୍ରକ ଚାଳକ

ଯାଜପୁର ଅଫିସ,୨।୨

ଯାଜପୁର ଜିଲା ସୁକିନ୍ଦା ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ(ଏନଏଚ)ରେ କଳାହୀରାର ପୁଣି କଳାବଜାର ଚାଲିଥିବା ପର୍ଦ୍ଦାଫାସ ହୋଇଛି। ଏଥିରେ ସଂପୃକ୍ତ ଗାଡି ଚାଳକଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ସୁକିନ୍ଦା ଥାନାରେ ଏକ ମାମଲ (ନଂ୨୯/୨୧) ରୁଜୁ ହୋଇଛି।

ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୩୦ ତାରିଖରେ ତାଳଚେର ଥାନା ଅଞ୍ଚଳର ଗିରିଶ ସାହୁଙ୍କ କୋଇଲା ବୋଝେଇ ଗାଡ଼ି(ନଂ.ଓଡି-୧୯ଏମ-୩୯୬୬)କୁ କେହି ଅପହରଣ କରି ନେଇଥିଲେ। ପରେ କୋଇଲା ଖାଲି କରି ସେହି ଗାଡିକୁ ସୁକିନ୍ଦା ଥାନା ଅଧୀନ କେନ୍ଦୁଡିପ ଗ୍ରାମ ନିକଟରେ ରଖି ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ସୁକିନ୍ଦା ଥାନାରେ ଅଭିଯୋଗ ହୋଇଥିଲା। ସେହି ଅଭିଯୋଗକୁ ଭିତ୍ତି କରି ସୁକିନ୍ଦା ଥାନା ଭାରପ୍ରାପ୍ତ ଅଧିକାରୀ ଶିବ ଚରଣ ବେହେରା ତଦନ୍ତ ଆରମ୍ଭ କରିଥିଲେ। ଗାଡି ଚାଳକଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ କହିଥିଲେ, ରାତି ପ୍ରାୟ ୧ଟା ୪୫ ମିନିଟ ସମୟରେ ତାଙ୍କ ଗୋଡ ହାତ ଏବଂ ଆଖିକୁ ବାନ୍ଧି ଦେଇ ଗାଡିରେ ବସାଇ ଦୁର୍ବୃତ୍ତମାନେ ଏହି କାଣ୍ଡ ଭିଆଇଥିଲେ। ସକାଳେ ଗାଡିକୁ ଆଣି ନିର୍ଦ୍ଧାରିତ ସ୍ଥାନରେ ରଖିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ତଦନ୍ତ ପରେ ସମ୍ପୃକ୍ତ ଗାଡିର ଚାଳକ ହିଁ ଭୁବନ ଥାନା ଅଞ୍ଚଳରେ ଥିବା ଏକ ଇଟା ଭାଟିରେ ସମସ୍ତ କୋଇଲାକୁ ବିକ୍ରି କରି ଏଭଳି ନାଟକ ରଚନା କରିଥିବା ଜଣାପଡିଥିଲା। ଏହି ଘଟଣାକୁ କେନ୍ଦ୍ର କରି ଥାନା ଅଧିକାରୀ ବେହେରା ଏବଂ ଏସ୍‌ଆଇ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ସଦଳବଳେ ସେଠାକୁ ଯାଇ ଭୁବନ ପୋଲିସ ସହାୟତାରେ ଚଢାଉ କରିଥିଲେ। ଘଟଣାରେ ସମ୍ପୃକ୍ତ ସରୋଜ ବେହେରା ଓ ମୋହନ ଚନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି। ଏଥିସହିତ ଚୋରାରେ ବିକ୍ରି ହୋଇଥିବା ୨୯ ଟନ କୋଇଲାକୁ ବି ଜବତ କରାଯାଇଛି। ଏଥିରେ ବ୍ୟବହୃତ ଗାଡିକୁ ସୁକିନ୍ଦା ଥାନାକୁ ଆଣି ରଖାଯାଇଛି। ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ଏହି ଘଟଣାରେ ସାମିଲ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ କହିଛନ୍ତି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି। ଏହାର ଚେର ବହୁ ଦୂରକୁ ଲମ୍ବିଛି ବୋଲି ସେ ସ୍ୱୀକାର କରିଛନ୍ତି।

ସୂଚନାଯୋଗ୍ୟ, ଗତ ଜାନୁୟାରୀ ୩ରେ ପାଣିକୋଇଲି ପୋଲିସ ଏକ ଚୋରା କୋଇଲା ଗାଡି ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ପ୍ରାୟ ୨୦ ମେଟ୍ରିକ ଟନ କୋଇଲା ଜବତ କରାଯାଇଥିଲା। କୋଇଲା ସାଇଡିଂଠାରୁ ଗୋଟିଏ ଟ୍ରକରେ ପ୍ରାୟ ୧୬ରୁ ୧୭ ମେଟ୍ରିକ ଟନ ପର୍ଯ୍ୟନ୍ତ କୋଇଲା ପରିବହନ ହୋଇଥାଏ। ଏଥିପାଇଁ ଟ୍ରାଞ୍ଜିଟ ପାସ୍(ଟିପି) କଟାଯାଇଥାଏ। କିନ୍ତୁ ସେଠାରେ ଚଞ୍ଚକତା କରି ୨ ରୁ ୩ ମେଟ୍ରିକ ଟନ କୋଇଲା ଅଧିକ ଲୋଡିଂ ହୋଇଥାଏ ବୋଲି ଖବର ମିଳିଛି। ଅଧିକ ଲୋଡିଂ କୋଇଲାକୁ ବିଭିନ୍ନ ସ୍ଥାନରେ ବିକ୍ରି କରାଯାଇଥାଏ। ଯାଜପୁର ଜିଲାର ଷଠିପୁର, ବଡଚଣା ଅଞ୍ଚଳ କୋଇଲା କଳାବଜାରର ପେଣ୍ଠସ୍ଥଳୀ ପାଲଟିଛି ବୋଲି ଖବର ମିଳିଛି।



ସୁକିନ୍ଦାରୁ ଜବତ କୋଇଲା।

# ନ୍ୟାୟ ପାଇଁ ଥାନା ସମ୍ମୁଖରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

## ପୋଲିସର ପକ୍ଷପାତିତାକୁ ବିରୋଧ

ରାଜକନିକା,୨।୨(ଡି.ଏନ.ଏ)

ରାଜକନିକା ପୋଲିସର ପକ୍ଷପାତିତା ବିରୋଧରେ ନ୍ୟାୟ ପାଇଁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜଣେ ମହିଳା ଥାନା ସମ୍ମୁଖରେ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଜମିବାଡିରୁ ନିଜ ସମ୍ପର୍କୀୟଙ୍କ ଦ୍ୱାରା ବେଘର ହୋଇଥିଲେ ଉକ୍ତ ମହିଳା। ତାଙ୍କୁ ଅନାବାଦୀ ଜାଗାରେ ଘର କରି ରହିବାକୁ ତାଙ୍କ ଦିଅର ସୁଯୋଗ ଦେଉନାହାନ୍ତି। ଏମିତିକି ବଳାତ୍କାର ଓ ଜୀବନରୁ ମାରି ଦେବାକୁ ଦିଅର ଧମକ ଦେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସଠାରୁ ନିରାଶ ହେବା ପରେ ସେ ଜୀବନ ହାରି ଦେବାକୁ ନିଷ୍ପତ୍ତି ନେଇଥିଲେ।

ଅଭିଯୋଗ ଅନୁଯାୟୀ, ରାଜକନିକା ଥାନା କଣ୍ଡିଆ ଫାଣ୍ଡି ଅଞ୍ଚଳର ଅସହାୟ ମହିଳାଙ୍କୁ ଜାନୁୟାରୀ ୯ ରାତି ୧୨ଟାରେ ଦିଅର ଓ ତାଙ୍କ ସାଥୀଙ୍କ ଦ୍ୱାରା ବଳାତ୍କାର ପାଇଁ ଉଦ୍ୟମ ସହ ଜୀବନରୁ ମାରି ଦେବାକୁ ଉଦ୍ୟମ କରାଯାଇଥିଲା। ଏ ସମ୍ପର୍କରେ ୧୦ତାରିଖରେ ଫାଣ୍ଡିରେ ଅଭିଯୋଗ କରିବାକୁ ଯାଇଥିବା ମହିଳାଙ୍କୁ ଫାଣ୍ଡି ଅଧିକାରୀ ଆମେ କିଛି ବୁଝିବୁନି କହି ଫେରାଇ ଦେଇଥିଲେ। ପରେ ମହିଳା ଜଣକ ରାଜକନିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ କିଛି ନ ବୁଝିବାରୁ ଅଭିଯୁକ୍ତମାନେ ପୁଣି ତାଙ୍କୁ ଧମକ ଦେବାରୁ ମହିଳା ଜଣକ ଜାନୁୟାରୀ ୨୨ରେ ଥାନାରେ ଓ ୨୯ ତାରିଖରେ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇ ନ୍ୟାୟ ଭିକ୍ଷା କରିଥିଲେ। ମଙ୍ଗଳବାର ଆତ୍ମହୁତି ଉଦ୍ୟମ ପରେ ତୁରନ୍ତ ନ୍ୟାୟ ଦେବାକୁ ପୋଲିସ ସମ୍ମତି ପ୍ରକାଶ କରିଥିଲା। ଏ ସମ୍ପର୍କରେ ଆଇଆଇସି ସଞ୍ଜୀବ ରଣ ଭଇଂସାଙ୍କୁ ପଚାରିବାରେ ସେ ଏ ବିଷୟରେ କିଛି ଜାଣି ନ ଥିବା କହିବା ସହ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ବେଆଇନ ଇଟାଭାଟି ଉପରେ କାର୍ଯ୍ୟାନୁଷ୍ଠାନ ଶୂନ

ବାଲିଚନ୍ଦ୍ରପୁର,୨।୨(ସ୍ୱ.ପ୍ର.)

ଦର୍ପଣ ତହସିଲ ଅଧୀନ ବିରୁପା, ଗେଙ୍ଗୁଟି ଓ ଗୋବରୀ ଆଦି ନଦୀ ପଠା ଏବେ ବେଆଇନ ଇଟା ମାଫିଆଙ୍କ କବ୍‌ଜାରେ ରହିଛି। ଏସବୁ ନଦୀ ପଠାରେ ଲକ୍ଷାଧିକ ଇଟା ପୋଡ଼ାଯାଉଛି। ଏଥିଯୋଗୁ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ବିଶେଷକରି ଦର୍ପଣ ତହସିଲର ବାଲିଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ନାନପୁର ଗ୍ରାମ ଦେଇ ବହିଯାଇଥିବା ବରୁପା ନଦୀପଠାରେ ୩୦ରୁ ଊର୍ଦ୍ଧ୍ୱ ଇଟା ମାଫିଆ ବେଆଇନ ଇଟା ପକାଇ ବେପାର କରୁଛନ୍ତି। ଏହି ନଦୀପଠାର ଉଭୟ ପାର୍ଶ୍ୱ ଗୋଚର ଜମିରେ ମାଫିଆ ଦୀର୍ଘ ଦିନ ହେବ ଏହି କାରବାର ଆରମ୍ଭ କରିଛନ୍ତି। ମାଫିଆ ନଦୀ ପଠାରେ ଥିବା ସରକାରୀ ଜମିରୁ ମାଟି ଓ ବାଲି ଉଠାଇ ଇଟା ପକାଉଛନ୍ତି। ତେବେ ଏକ ସମୟରେ ଅନେକ ଇଟା ଭାଟିରେ ନିଆଁ ଲାଗିବା ଫଳରେ ଧୂଆଁରେ ସ୍ଥାନୀୟ ଅଞ୍ଚଳବାସୀ ନାହିନଥିବା ଅସୁବିଧା ଭୋଗକରୁଛନ୍ତି। ଏହି ବାଟ ଦେଇ ଦର୍ପଣ ତହସିଲଦାର ଓ ବାଲିଚନ୍ଦ୍ରପୁର ଆର୍‌ଆଇ ଯାତାୟତ କରୁଥିଲେ ମଧ୍ୟ ଦେଖି ନ ଦେଖିଲା ପରି ଚାଲିଯାଉଛନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବରୁହାଁ-ବାଲିଚନ୍ଦ୍ରପୁର ରାସ୍ତା କଡ଼, କୃଷ୍ଣଦାସପୁରରୁ ରତ୍ନଗିରି ରାସ୍ତା କଡ଼ ଓ ଭରତପୁର ପଞ୍ଚାୟତର ଗୋବାରୀ ନଦୀ ପଠାରେ ଶହଶହ ବେଆଇନ ଇଟାଭାଟି ପୋଡ଼ା ଯାଉଥିଲେ ମଧ୍ୟ ତହସିଲ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ତେଣୁ ଏଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏସମ୍ପର୍କରେ ତହସିଲଦାର ବରଣେନ୍ଦୁ ମହାନ୍ତି କହିଛନ୍ତି, ବେଆଇନ ଇଟା ମାଫିଆଙ୍କ ଉପରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ରାସ୍ତାକଡ଼ରେ ଥିବା ବେଆଇନ ଇଟାଭାଟି।

# ଛାତ୍ରୀଙ୍କ ମୋବାଇଲ ଝାମ୍ପି ନେଲେ

ରାଜନଗର,୨।୨(ଡି.ଏନ.ଏ.)

ରାଜନଗରରୁ କମ୍ପ୍ୟୁଟର କ୍ଲାସ ସାରି ଘରକୁ ଫେରୁଥିବା ଜଣେ କଲେଜ ଛାତ୍ରୀଙ୍କଠାରୁ ମୋବାଇଲ ଓ ବ୍ୟାଗକୁ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ମଦନପୁର-ସଂସାରଫଳ ରାସ୍ତାରେ ଦୁଇ ଦୁର୍ବୃତ୍ତ ବାଇକ୍‌ରେ ଆସି ଛାତ୍ରୀଙ୍କ ସାଇକେଲକୁ ଧକ୍କା ମାରି ଲୁଟିଛନ୍ତି। ଏ ନେଇ ଛାତ୍ରୀଙ୍କ ବାପା ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏପରିକି ଆରଟିଓରୁ ସମ୍ପୃକ୍ତ ବାଇକ୍‌ର ମାଲିକଙ୍କ ନା ସଂଗ୍ରହ କରି ପୋଲିସକୁ ଦେଇଛନ୍ତି। ଅଭିଯୋଗ ମୁତାବକ ରେସୋ ଗାଁର ବିଚିତ୍ର କୁମାର ପ୍ରଧାନଙ୍କ ଝିଅ ବନ୍ଦିତା (୧୮) ସାଇକେଲରେ ରାଜନଗରରେ କମ୍ପ୍ୟୁଟର କ୍ଲାସ ସାରି ଘରକୁ ଫେରୁଥିଲେ। ମଦନପୁର-ସଂସାରଫଳ ରାସ୍ତାର ମଦ ଦୋକାନ ନିକଟରେ ଦୁଇ ଯୁବକ ବାଇକ୍ (ନଂ.ଓଡି୨୯ଜି୪୧୧)ରେ ପଛପଟୁ ଆସି ଛାତ୍ରୀଙ୍କୁ ଧକ୍କା ଦେଇଥିଲେ। ଛାତ୍ରୀଙ୍କୁ ଧକ୍କା ଦେଇ ବ୍ୟାଗ ଓ ସ୍ମାର୍ଟ ଫୋନକୁ ନେଇ ଦ୍ରୁତଗତିରେ ପଟ୍ଟାମୁଣ୍ଡାଇ ଆଡକୁ ପଳାଇ ଥିଲେ। ପଡୋଶୀ ଗ୍ରାମର ଜଣେ ଯୁବକ ଏହା ଦେଖି ଦୁର୍ବୃତ୍ତଙ୍କୁ ପିଛା କରିଥିଲେ। ଦୁର୍ବୃତ୍ତମାନେ ଚନ୍ଦନନଗର ନିକଟସ୍ଥ ବାଲିଆ ଛକଠାରେ ଗାଡି ରଖି ଗାଁ ଭିତରକୁ ଯାଇଥିଲେ। ସୋମବାର ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ସେମାନଙ୍କୁ ଧରୁ ନ ଥିବା ଓ ଦୁର୍ବୃତ୍ତଙ୍କୁ ଦେଖିଥିବା ସାକ୍ଷୀକୁ ଥାନାକୁ ଆଣିବାକୁ କହି ସମୟ ଗଡାଉ ଥିବା ଛାତ୍ରୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏପରିକି ଛାତ୍ରୀଙ୍କ ପରିବାର ପକ୍ଷରୁ ବାଇକ୍ ନମ୍ବରକୁ କେନ୍ଦ୍ରାପଡ଼ା ଆରଟିଓରେ ଯାଞ୍ଚ କରିବା ପରେ ସମ୍ପୃକ୍ତ ମାଲିକ ରାଜନଗର ଅଞ୍ଚଳର ବୋଲି ଜଣାପଡିଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ଥାନାରେ ମାମଲା ରୁଜୁ ହୋଇଛି। ବାଇକକୁ ଜବତ ସହ ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ ଧରିବୁ ବୋଲି କହିଛନ୍ତି।

# ଦେବାଭିଷେକ ସାଂସ୍କୃତିକ ସମ୍ମାନ



ସବିତା ରାଉତଙ୍କୁ ସମ୍ମାନିତ କରାଯାଉଛି।

ଯାଜପୁର ଅଫିସ,୨।୨

ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଦେବାଭିଷେକ ଶାସ୍ତ୍ରୀୟ ନୃତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାଜପୁର ଜିଲା ବ୍ୟାସନଗରର ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତଙ୍କୁ ଚଳିତ ବର୍ଷ ଦେବାଭିଷେକ ସାଂସ୍କୃତିକ ସମ୍ମାନ ପ୍ରଦାନ କରାଯାଇଛି। ଏହାସହ ପ୍ରଖ୍ୟାତ ଓଡିଶୀ ନୃତ୍ୟାଙ୍ଗନା ମୀରା ଦାସ, ନୂଆଦିଲ୍ଲୀର ଓଡିଶୀ ନୃତ୍ୟଶିଳ୍ପୀ ଲିପ୍ସା ଶତପଥୀ, ବିଶିଷ୍ଟ କଣ୍ଠଶିଳ୍ପୀ ଡ. ସଂଗୀତା ଗୋସାଇଁ, ବିଶିଷ୍ଟ ପଖାଉଜ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ ଏବଂ ପ୍ରବାସୀ ଓଡିଆ ସୁସ୍ମିତା ରାଜହଂସଙ୍କୁ ଚଳିତ ବର୍ଷ ପାଇଁ ଦେବାଭିଷେକ ନୃତ୍ୟ ଓ ସଂଗୀତ ସମ୍ମାନ ପ୍ରଦାନ କରାଯାଇଛି। ବାବାଜୀ ସଚ୍ଚିଦାନନ୍ଦ ଦାସ ମହାରାଜ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା, ନୀଳକଣ୍ଠ ମହାପାତ୍ର ଓ ମାଧବ ମହାପାତ୍ର, ବରିଷ୍ଠ ସେବାୟତ ବଳରାମ ଖୁଣ୍ଟିଆ, ବିଜେଡି ଯୁବ ରାଜ୍ୟ ସଭାପତି ସୁନୀଲ ମହାନ୍ତି, ସାମାଜିକ କର୍ମୀ କ୍ଷେତ୍ରମୋହନ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।

# ଆନ୍ତର୍ଜାତିକ ଆର୍ଦ୍ରଭୂମି ଦିବସ



ଆନ୍ତର୍ଜାତିକ ଆର୍ଦ୍ରଭୂମି ଦିବସରେ ଉପସ୍ଥିତ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ରାଜନଗର,୨।୨(ଡି.ଏନ.ଏ.)

ରାଜନଗର ବ୍ଲକ ଫିରିକିଦାଣ୍ଡିସ୍ଥିତ କଣସରା ବିଦ୍ୟାଶ୍ରମରେ ଆନ୍ତର୍ଜାତିକ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ରାଜନଗର ବନବିଭାଗ ପକ୍ଷରୁ ଏହି ଦିବସ ଆୟୋଜନ କରାଯାଇଥିଲା। ଇକୋ କ୍ଲବ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ପ୍ରଦୀପ ନାୟକ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍ଦ୍ରଭୂମି ଦିବସର ତାତ୍ପର୍ଯ୍ୟ, ଭିତରକନିକା ଜୈବ ବିବିଧତାର ସନ୍ତୁଳତା କ୍ଷେତ୍ରରେ ଆର୍ଦ୍ରଭୂମିର ଭୂମିକା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଫରେଷ୍ଟର ମହନ୍ତ କୁମାର ମଲ୍ଲିକ, ପରିବେଶବିତ୍ ବିଜୟ କୁମାର କବି, ବନପାଳ ରିତ ରାଉତ, ସରୋଜ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଆଲୋକ ମଞ୍ଜରୀ ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀ ଶଶୀରେଖା ବେହୁରା, ଓମ ପ୍ରକାଶ ନାୟକ, ରୂପାଲୀ ନାଥ, ଉତ୍ତମ କୁମାର ପ୍ରଧାନ ପ୍ରମୁଖ ଆର୍ଦ୍ରଭୂମି ଦିବସ ଉପରେ ବକ୍ତୃତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଭୂପ୍ରସାଦ ବେହୁରା, ସଂତୋଷ କୁମାର ବେହୁରା ପରିଚାଳନା କରିଥିଲେ।

# 'ଯୁବପିଢ଼ି ସେବାରେ ବ୍ରତୀ ହୁଅନ୍ତୁ'

ରସୁଲପୁର,୨।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ସିଂହାପୁର ପଞ୍ଚାୟତ ବାମଦେବପୁର ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ କପିଳେଶ୍ୱର ଯୁବକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବିଜୟ ଶରଣଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଯୋଗଦେଇ କପିଳେଶ୍ୱର ଯୁବକ ସଂଘ ସଦସ୍ୟ ନିଜକୁ ସମାଜସେବା କ୍ଷେତ୍ରରେ ନିୟୋଜିତ କରି ଉଦାହରଣ ସୃଷ୍ଟି କରିଛନ୍ତି। ତେଣୁ ଯୁବପିଢି ଏହିମାନଙ୍କ ଭଳି ସମାଜ ସେବାରେ ବ୍ରତୀ ହୁଅନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ସିନେ ତାରକା ବର୍ବି ମିଶ୍ର, ସମ୍ମାନିତ ଅତିଥି ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ କର, ଗୋର୍କଣ୍ଡିକା ସାହିତ୍ୟ ସଂସଦ ସଭାପତି ରମାକାନ୍ତ ଜେନା ପ୍ରମୁଖ ଯୋଗଦେଇ ସଂଘ କର୍ମକର୍ତ୍ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସଂଘ ପକ୍ଷରୁ ସମାଜସେବା ପାଇଁ କେତେକ ଅନୁଷ୍ଠାନ ସମେତ ବିଷ୍ଣୁଚରଣ ସାହୁଙ୍କୁ ପ୍ରକୃତି ବନ୍ଧୁ, ମନ୍ଦରା ବାରିକଙ୍କୁ ପ୍ରକୃତି ମିତ୍ର ଓ ଗଙ୍ଗାଧର ବେହେରାଙ୍କୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବ ଅବସରରେ ପ୍ରବନ୍ଧ, ନୃତ୍ୟ, ସଙ୍ଗୀତ, ତର୍କ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସଂଘ ଉପଦେଷ୍ଟା ଅମୂଲ୍ୟ ଶରଣ, ସୁରେଶ ଶରଣ, ସଞ୍ଜୀବ ରଥ, ପ୍ରମୋଦ ମହାପାତ୍ର, ସଭାପତି ବିକ୍ରମ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

# ସାହାଡ଼ା ସ୍ପୋର୍ଟିଂ କ୍ରିକେଟ: ରାଜଗଡ଼ ଚାମ୍ପିୟନ

ରାଜନଗର,୨।୨(ଡି.ଏନ.ଏ.)

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତର ଚକ୍ରଧରପୁରଠାରେ ସାହାଡା ସ୍ପୋର୍ଟିଂ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଶ୍ରୀଜଗନ୍ନାଥ କ୍ରିକେଟ ଟିମ କେରେଡାଗଡ ଓ ଶ୍ରୀନୀଳକଣ୍ଠେଶ୍ୱର ରାଜଗଡ ମଧ୍ୟରେ ହୋଇଥିଲା। ରାଜଗଡ ୨୦ ଓଭରରେ ୩ ଉଇକେଟ ହରାଇ ୧୭୬ ରନ କରିଥିଲେ। ଦଳର କ୍ୟାପଟେନ ଦୀପକ ୬୫ ରନ କରିଥିଲେ। କେରେଡାଗଡ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୨୨ ରନ କରିଥିଲା। ଦୀପକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ କେରେଡାଗଡ କ୍ରିକେଟ ଟିମର ବୋଲର କାହ୍ନା ସିରିଜରେ ୧୫ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବ୍ଲକ ବିଜେଡି ସଭାପତି ଅଶୋକ ପ୍ରତିହାରୀ, ଉପସଭାପତି ନିରଞ୍ଜନ ରାଉତ, ସରପଞ୍ଚ ଜୁମର ସ୍ୱାଇଁ, ସୈନିକ ଗଗନ ବିହାରୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରବୀର ରାଉତ, ବିକ୍ରମ ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ପରିତ୍ୟକ୍ତ ଘରେ ବିତୁଛି ଜୀବନ

ନାଉଗାଁ,୨।୨(ସ୍ୱ.ପ୍ର)

ନାଉଗାଁ ବ୍ଲକ ଅଳଣା ପଞ୍ଚାୟତ ଅନ୍ତର୍ଗତ ନହଡ଼ିପଡ଼ା ଗ୍ରାମରେ ଧନୀ ସେଠୀ(୬୦) ଓ ତାଙ୍କ ସ୍ତ୍ରୀ ଛବି(୫୮)ଙ୍କ ପରିବାରକୁ ଏପର୍ଯ୍ୟନ୍ତ ଆବାସିକ ଯୋଜନାରେ ସାମିଲ କରାଯାଇ ନାହିଁ। ବାରମ୍ବାର ଆବେଦନ ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଫଳରେ ଛାତ ନ ଥିବା ଏକ ପରିତ୍ୟକ୍ତ ଘରେ ସେମାନେ ରହିବାକୁ ବାଧ ହେଉଛନ୍ତି। ଘର ଉପରେ ପଲିଥିନ ପଡ଼ିଥିବାବେଳେ ତା ଚର୍ତୁଃପାର୍ଶ୍ୱରେ ଗଛଲତା ମାଡ଼ି ଜଙ୍ଗଲପରି ଦୃଶ୍ୟମାନ ହେଉଛି। ଧନୀ ୧୦ ବର୍ଷ ହେବ ମାନସିକ ଭାରସାମ୍ୟ ହରାଇ ବସିଥିବା ବେଳେ ଘର ଅଭାବରୁ ୩ ପୁଅ ପର ଘର ବାରଣ୍ଡାରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହେଉଛନ୍ତି। ତାଙ୍କ ପରିବାରକୁ କୌଣସି ଭତ୍ତା ମିଳି ନ ଥିବା ବେଳେ ମୂଲ ଲାଗି ପେଟ ପୋଷିବା କଷ୍ଟକର ହୋଇପଡୁଛି ବୋଲି ସ୍ତ୍ରୀ ଛବି କୁହନ୍ତି। ବର୍ଷା ଓ ଶୀତ ଦିନେ ଉକ୍ତ ଘରେ ଚଳିବା କଷ୍ଟକର ହୋଇଯାଏ। ବହୁ ସମୟରେ ଗଛଲତାରୁ ବିଷଧର ସର୍ପ ଓ ଅନ୍ୟ ଜନ୍ତୁ ଘରକୁ ଚାଲି ଆସୁଥିବାରୁ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ବାରମ୍ବାର ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ଆବେଦନ କଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି ଛବି କ୍ଷୋଭର ସହ କହିଛନ୍ତି। ଅପରପକ୍ଷେ ସ୍ୱାମୀଙ୍କୁ ଭତ୍ତା ମିଳୁ ନଥିବାରୁ ଆବଶ୍ୟକ ଚିକିତ୍ସା ଯୋଗାଇ ହେଉନାହିଁ ବୋଲି ସେ କହିଛନ୍ତି।

ଏସମ୍ପର୍କରେ ସ୍ଥାନୀୟ ସରପଞ୍ଚ ନଳିନ ପ୍ରଭା ସାହୁ କୁହନ୍ତି,ସେଠୀଙ୍କ ପରିବାର ବାରମ୍ବାର ଆବାସ ଯୋଜନାରେ ଆବେଦନ କରୁଛନ୍ତି। ଏହାର ତଦନ୍ତ କରାଯାଉଛି କିନ୍ତୁ ତାଙ୍କୁ ଘର ମିଳୁନାହିଁ। ସେ ଅତ୍ୟନ୍ତ ଗରିବ ଶ୍ରେଣୀର। ଏକ ଗଛ ତଳେ ଲତାମାଡି ଥିବା ସ୍ଥାନରେ ସେ ବସବାସ କରୁଛନ୍ତି। ତାଙ୍କୁ ଆବାସିକ ଯୋଜନାରେ ସାମିଲ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ। ଏବିଡିଓ ଦେବେନ୍ଦ୍ର ପ୍ରଧାନ କହିଛନ୍ତି, ପୂର୍ବରୁ ସେ ଏ ବିଷୟରେ ଅବଗତ ନ ଥିଲେ । ଏନେଇ ସେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରି ବୁଝିବେ ବୋଲି କହିଛନ୍ତି।



ବୃକ୍ଷଲତା ମାଡ଼ିଥିବା ଘରେ ଧନୀ ସେଠୀ।

